# ଆଇଆଇଟିରେ ରାଷ୍ଟ୍ରୀୟ ଏକତା ଦିବସ



•ଭୁବନେଶ୍ୱର, ପିଏନ୍‌ଏସ୍

ଲୌହ ମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜନ୍ମଜୟନ୍ତୀ ଓ ରାଷ୍ଟ୍ରୀୟ ଏକତା ଦିବସ ଆଇଆଇଟି ଭୁବନେଶ୍ୱର କ୍ୟାମ୍ପସ ପରିସରରେ ପାଳିତ ହୋଇଯାଇଛି। ନିର୍ଦ୍ଦେଶକ ପ୍ରଫେସର ଆର ଭି ରାଜାକୁମାର ପୁଷ୍ପମାଳ୍ୟ ଅର୍ପଣ କରି କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିବା ବେଳେ ସମସ୍ତ କର୍ମଚାରୀ ଦେଶର ଏକତା, ଅଖଣ୍ଡତା, ମର୍ଯ୍ୟାଦା ଓ ସମ୍ମାନ ରକ୍ଷା ଲାଗି କାର୍ଯ୍ୟ କରିବାକୁ ସପଥ କରିଥିଲେ।

ସର୍ଦ୍ଦାର ପଟେଲ ସମସ୍ତ ଭାରତୀୟଙ୍କର ରୋଲ ମଡେଲ। ଦେଶର ଏକତା ଲାଗି ତାଙ୍କର ଅବଦାନକୁ ଅଗ୍ରାହ୍ୟ କରାଯାଇ ପାରିବ ନାହିଁ ବୋଲି ନିର୍ଦ୍ଦେଶକ ପ୍ରଫେସର ରାଜାକୁମାର କହିଥିଲେ। କରୋନା ପାଇଁ କାର୍ଯ୍ୟକ୍ରମଟିକୁ ସାଧାରଣଭାବେ ପାଳନ କରାଯିବା ସହିତ ଏହି ଅବସରରେ ସାଧାରଣ ଜ୍ଞାନ, ପ୍ରବନ୍ଧ ଲିଖନ ପ୍ରତିଯୋଗିତା ଅନଲାଇନ ମାଧ୍ୟମରେ ଆୟୋଜନ କରାଯାଇଥିଲା।

ଅନ୍ୟମାନଙ୍କ ମଧ୍ୟରେ ଡିନ ରିଆଲ ଏଷ୍ଟେଟ୍, କୁଳସଚିବ ସୁବୋଧ କୁମାର, ଡ ଶଙ୍କର୍ଷଣ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।